# 'ମାଟି ପାଇଁ ଗର୍ବ କର'



ଭୁବନର ଖ୍ୟାତନାମା ଯାତ୍ରା ନିର୍ଦ୍ଦେଶକ ଗୁରୁ ପ୍ରସାଦ ମିଶ୍ରଙ୍କୁ ସଚିବ ମନୋଜ ମିଶ୍ର ସମ୍ବର୍ଦ୍ଧିତ କରୁଛନ୍ତି।



ପୁନମ୍

## ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଢେଙ୍କାନାଳ ଅଫିସ, ୨୮।୧

ଦୁଇ ଥର ପୁରୁଷ ହକି ବିଶ୍ୱକପ୍ ଆୟୋଜନ ପରେ ରାଜଧାନୀ ଭୁବନେଶ୍ୱର ୟୁରୋପ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ଯେଉଁଥିପାଇଁ ଆମେ ସମସ୍ତେ ଆଜି ଗର୍ବିତ। କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ ଭଳି ସହରରେ ବିରଳ। ଆଗାମୀ ଦିନରେ ଓଡ଼ିଶାର ୧୯ ସହରରେ ମଧ୍ୟ ଏହା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ହେଉ। ନିଜ ମାଟି ପାଇଁ ସମସ୍ତେ ଗର୍ବ ଅନୁଭବ କରିବା ଦରକାର ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର। ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ମହୋତ୍ସବ-୨୦୨୩ର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ନିଜ ଅଭିଭାଷଣରେ ଏହା କହିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଓଲିଉଡ୍ ଅଭିନେତ୍ରୀ ପୁନମ୍‌ଙ୍କ ନୃତ୍ୟ ଏବଂ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା। ନାଟ୍ୟକାର ଦୀନେଶ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ ଧନ୍ୟବାଦ ଦେଇଥିଲେ।

ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ସାହୁ, ଅନନ୍ୟା ଓଝା ସଂଯୋଜନା କରିଥିଲେ। ରବିବାର ସମାରୋହ ଉଦ୍‌ଯାପିତ ହେବ।

# ମିଲେଟ ମିଶନ ଷ୍ଟଲ୍‌ରେ ଭିଡ଼

ଢେଙ୍କାନାଳ ଅଫିସ, ୨୮।୧

ହକି ବିଶ୍ୱକପ୍ ଉପଲକ୍ଷେ ଢେଙ୍କାନାଳ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ମିନି ପଲ୍ଲିଶ୍ରୀ ମେଳା ଏବଂ ସାଂସ୍କୃତିକ ମହୋତ୍ସବ ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ଏହାର ଉଦ୍‌ଯାପନୀ ଦିବସ ଥିବାବେଳେ ଶନିବାର ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ କରି ମିଲେଟ୍ ମିଶନ ଷ୍ଟଲ୍‌ରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟର ମଜା ନେବାକୁ ସବୁବର୍ଗର ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ବିପୁଳ ଉତ୍ସାହ।

ଏମ୍‌ପି ମହେଶ ସାହୁ ମାଣ୍ଡିଆରେ ପ୍ରସ୍ତୁତ କେକ୍ କାଟି ଏହାର ଶୁଭାରମ୍ଭ କରିଥିଲେ। ଷ୍ଟଲ୍‌ରେ ମାଣ୍ଡିଆ ବିସ୍କୁଟ, ଲଡ୍ଡୁ, ପକୁଡି, ଜିଲାପି, ବରା, ସେଉ, ନିମିକି, ଛତୁଆ, ମିକ୍ସର, ମାଣ୍ଡିଆ ଆରିସା ପିଠା, କାଙ୍ଗୁ ଚାଉଳ, ଜହ୍ନା ଚୂନା, ମାଣ୍ଡିଆ ଚୂନା, ବାଜରା ଚୂନା ଆଦି ମିଳୁଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଜିଲା କୃଷି ଅଧିକାରୀ ଶରତ କୁମାର ଡୋଷ, କୃଷି ବୈଷୟିକ ପରିଚାଳନା ସଂସ୍ଥାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ଶତପଥୀ, ମିଲେଟ୍ ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ରାକେଶ କୁମାର ସାହୁ, ହିସାବ ରକ୍ଷକ ଜୟରାମ ପ୍ରଧାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଷ୍ଟଲ୍ ପରିଚାଳନା ଦାୟିତ୍ୱରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଲେଟ୍ ଜାତୀୟ ଖାଦ୍ୟର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିଲାଗି ସହରର ବିଭିନ୍ନ ସ୍ଥାନ, ସରକାରୀ କାର୍ଯ୍ୟାଳୟରେ ଷ୍ଟଲ୍ ଖୋଲାଯାଉଛି। ଏହାପରେ ଲୋକଙ୍କ ମଧ୍ୟରେ ମିଲେଟ୍ ଖାଦ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇଛି।



ମିଲେଟ ମିଶନ ପ୍ରଦର୍ଶନୀ ଷ୍ଟଲ।

# ଅଲେଖ ମହିମା ଧ୍ୱନିରେ କମ୍ପିଲା ପରିବେଶ



ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି।

କାମାକ୍ଷାନଗର,୨୮।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହିମାଟୁଙ୍ଗୀରେ ଶନିବାର ମାଘ ସପ୍ତମୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳାର ସପ୍ତାହକ ଆଗରୁ ପାରମ୍ପରିକ ନୀତି ଅନୁଯାୟୀ କାମାକ୍ଷାନଗରରେ ମାଘ ସପ୍ତମୀ ମେଳା ହୋଇଥାଏ। ମହିମା ଗୋସାଇଁ ଏହି ରାସ୍ତା ଦେଇ ଯାଇଥିଲେ। ତାଙ୍କ ମହାତ୍ମ୍ୟର ସ୍ମୃତି ଉଜାଗର କରିବାକୁ ମହିମା ଟୁଙ୍ଗୀରେ ଅଖଣ୍ଡ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଲେଖ ମହିମା ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର କାମାକ୍ଷାନଗର ଅଞ୍ଚଳ। ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ମହିମା ଧର୍ମାବଲମ୍ବୀ ଯୋଗଦେଇଥିଲେ। ଯୋରନ୍ଦା ମହିମାଗାଦିର ବହୁ ସାଧୁସନ୍ଥ ଯୋଗଦେଇ ଜଗତଜନଙ୍କ ମଙ୍ଗଳ ନିମନ୍ତେ ଅଖଣ୍ଡ ବ୍ରହ୍ମଧୁନି ପ୍ରଜ୍ୱଳନ କରିବା ସହ ଜୀବଜଗତର ଶୁଭମନାସି ଥିଲେ। ଶାନ୍ତିପୂର୍ଣ୍ଣ ଜୀବନଯାପନ ନିମନ୍ତେ ଘୃତ ପ୍ରଦାନ କରାଯାଇଥିଲା। କୌପୀନଧାରୀ ମହିମା ସମାଜର ସମ୍ପାଦକ ବାବା ଅବିନାଶୀ ଦାସ, ଲାଲମୋହନ ଦାସ, ମହିମା ଆଶ୍ରମର ମହନ୍ତ ବାବା ଖଗେଶ୍ୱର ଦାସଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଦୁର୍ନୀତି, ଭ୍ରଷ୍ଟାଚାର ହେବ ପ୍ରମୁଖ ପ୍ରସଙ୍ଗ

## ଭାଜପା ଜିଲା କାର୍ଯ୍ୟକାରିଣୀ

ଢେଙ୍କାନାଳ ଅଫିସ, ୨୮।୧

ଢେଙ୍କାନାଳ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଦଳୀୟ କାର୍ଯ୍ୟାଳୟରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବ। ତେଣୁ ଚଳିତ ବର୍ଷ ହେଉଛି ପ୍ରତି କାର୍ଯ୍ୟକର୍ତ୍ତାଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ରାଜ୍ୟର ଶାସକ ଦଳ ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡ଼ି ରହିଛି। ଏହାକୁ ପ୍ରସଙ୍ଗ କରି ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଲୋକଙ୍କୁ ଏ ବିଷୟରେ ଜଣାଇ ଜନମତ ସୃଷ୍ଟି କରିବାକୁ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।



ବୈଠକରେ ଭାଜପା ନେତୃବୃନ୍ଦ।

ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ଢେଙ୍କାନାଳ ଲୋକ ସଭା ପ୍ରବାସ ସଂଯୋଜକ ପ୍ରେମାନନ୍ଦ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ଜିଲାରେ ଧାନମଣ୍ଡି ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସରେ ଅଯୋଗ୍ୟଙ୍କୁ ତାଲିକାଭୁକ୍ତ କରାଯିବା, ସ୍ୱାସ୍ଥ୍ୟ ସେବା ସମସ୍ୟା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ହାତୀ ଉପଦ୍ରବ ସମେତ ୯ ଦଫା ସମ୍ବଳିତ ରାଜନୈତିକ ଚିଠା ପ୍ରସ୍ତାବ ପାରିତ କରିଥିଲେ।

ମାତୃପ୍ରସାଦ ନନ୍ଦ, ପବିତ୍ର ବିଶ୍ୱାଳ, ସୁନୀଲ୍ ଶର୍ମା, ଭୁବନାନନ୍ଦ ତ୍ରିପାଠୀ, ରାମଚନ୍ଦ୍ର ପାତ୍ର, ଦୀପକ ଗୋଚ୍ଛାୟତ, ନବକିଶୋର ଗୁରୁ, ରାସବିହାରୀ ବେହେରା, ଭାରତୀ ସ୍ୱାଇଁ, କମଳିନୀ ମହାନ୍ତି, ଅନିତା ଦାସ, ଅବନୀକାନ୍ତ ପଟ୍ଟନାୟକ, ଇତିଶ୍ରୀ ସାହୁ, ସଞ୍ଜୀବ ମହାପାତ୍ର, ସତ୍ୟରଞ୍ଜନ ଭୂୟାଁ, ପ୍ରଶାନ୍ତ ପ୍ରଧାନ, ସହଦେବ ସେଠୀ, ସସ୍ମିତା ସାମଲ, ରତିକାନ୍ତ ସାହୁଙ୍କ ସମେତ ଜିଲା ଓ ରାଜ୍ୟସ୍ତରୀୟ ବହୁ ନେତା, କର୍ମୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ଧର୍ମପୀଠ ପରିଭ୍ରମଣ




ଢେଙ୍କାନାଳ ଅଫିସ, ୨୮।୧

ଢେଙ୍କାନାଳ କାଠଗଡ଼ାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ଦ୍ୱାରା ପରିଚାଳିତ କୁଞ୍ଜବିହାରୀ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀମାନେ ବିଭିନ୍ନ ଧର୍ମପୀଠ ପରିଭ୍ରମଣ କରିଛନ୍ତି। ଅନ୍ତେବାସୀଙ୍କୁ ବାବା ଚମ୍ପେଶ୍ୱର ପୀଠ, ନୂଆପାଟଣାର କଳାପାଟ ପୀଠ, ମା' ଭଟ୍ଟାରିକା ପୀଠ ଭ୍ରମଣ କରାଯାଇଥିଲା। ମା' ଭଟ୍ଟାରିକାଙ୍କ ପୀଠରେ ଅନ୍ତେବାସୀ ପ୍ରସାଦସେବନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ପଣ୍ଡା, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

# ବାର୍‌ହା ଫାଶରେ ପଡ଼ି ମରିଥିଲା ବାଘ

## କଲରାପତରିଆ ମୃତଦେହ ଠାବ ଘଟଣାରେ ୩ ଗିରଫ

ଢେଙ୍କାନାଳ ଅଫିସ, ୨୮।୧

ବାର୍‌ହା ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ୍ ପକାଇଥିଲେ ଶିକାରୀ। ହେଲେ ଏଥିରେ ଛନ୍ଦି ହୋଇ ମରିଗଲା କଲରାପତରିଆ। ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଜୁରିଆକଟା ସେକ୍ସନ ବାରିହାରଗଡ଼ି ବାଘ ମୃତ୍ୟୁ ପଛରେ ମାଂସଲୋଭୀ ଶିକାରୀଙ୍କ ପରୋକ୍ଷ ସମ୍ପୃକ୍ତି ରହିଥିବା ସ୍ପଷ୍ଟ କରିଛି ବନ ବିଭାଗ। ଏହି ଘଟଣାରେ ବାଲିମୀ ଥାନା ସାପକେରା ଗ୍ରାମର ପ୍ରକାଶ ନାୟକ ଓରଫ ହାଡ଼ି (୨୦), ଧନୁ ନାଏକ ଏବଂ ବାରିହାରଗଡ଼ି ଗ୍ରାମର ନିରଞ୍ଜନ ପ୍ରଧାନ ଓରଫ ନୀର (୩୦) ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୨୬/୨୨-୨୩ରେ ଏକ ମାମଲା ରୁଜୁ କରାଯାଇଛି ।



ବନ ବିଭାଗ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବାରିହାରଗଡି ଗ୍ରାମ ନିକଟ ନାଳରୁ ଗତ ବୁଧବାର ସକାଳେ ଆନୁମାନିକ ୪ରୁ ୫ ବର୍ଷର ଏକ ଅଣ୍ଡିରା କଲରାପତରିଆ ବାଘର ମୃତଦେହ ଠାବ କରାଯାଇଥିଲା। ଶିକାରୀମାନେ ବାର୍‌ହା ଶିକାର ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ତାରରୁ ହୁକ ପକାଇଥିବାବେଳେ ୨୦ ତାରିଖରେ ଉକ୍ତ କଲରାପତରିଆ ସେଥିରେ ଛନ୍ଦି ହୋଇଯାଇଥିଲା। ବାଘମୃତ୍ୟୁ ଘଟଣାକୁ ବନ ବିଭାଗ ଗୁରୁତ୍ୱର ସହ ନେଇଥିବାବେଳେ ତନାଘନା ବେଳେ ଏହାର ରହସ୍ୟ ଉନ୍ମୋଚନ ହୋଇଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ହିନ୍ଦୋଳ ରେଞ୍ଜ୍ କୋଇ ସଂରକ୍ଷିତ ଜଙ୍ଗଲରେ ଶିକାରୀମାନେ ଅନୁରୂପ ଭାବେ ଏକ ବାଘ ଶିକାର କରିଥିଲେ।

# କ୍ରୀଡ଼ାବିତ୍, ଶିବିରାର୍ଥୀ ପୁରସ୍କୃତ

କାମାକ୍ଷାନଗର, ୨୮।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବର କୃତୀ ପ୍ରତିଯୋଗୀ ଏବଂ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଇଛି। ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ମଦନମୋହନ ଜେନା ଯୋଗଦେଇ ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷ ନିଗମାନନ୍ଦ ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପିକା ସଙ୍ଗୀତା ମହାପାତ୍ର, ନିବେଦିତା ମହାପାତ୍ର, ଦୀପ୍ତିରେଖା ଦ୍ୱିବେଦୀ, ମିନତୀ ନାୟକ, ସୁସ୍ମିତା ସାହୁ, ରୀନାରାଣୀ ଭୂୟାଁ, କର୍ମଚାରୀ ପ୍ରଦୀପ୍ତ ଖଟୁଆ, ହେମନ୍ତ ଜେନା, ଶିଶିର ସାମଲ, ସୁବାସ ମହାନ୍ତି, ରମା ଦେହୁରୀ, ସରୋଜିନୀ ନାୟକ, ସୁଷମା ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ସୁପର ଓଭରରେ କନ୍ତିଓପୁଟସାହି ଚାମ୍ପିୟନ

ପରଜଙ୍ଗ, ୨୮।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ଅନ୍ତର୍ଗତ ବାଇଗିଣିଆ ମା' ସରସ୍ୱତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କୁରୁଣ୍ଟି ବ୍ଲୁ-ବିଲିୟନ ମଲ୍ଟି ଷ୍ଟାର କ୍ରିକେଟ୍ କ୍ଲବକୁ ସୁପର ଓଭରରେ ପରାସ୍ତ କରି କନ୍ତିଓପୁଟସାହି ମଦନମୋହନ କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି।



ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କୁରୁଣ୍ଟି ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ କନ୍ତିଓପୁଟସାହି ଟିମ୍ ୧୫ ଓଭରରେ ୯ ଉଇକେଟ ହରାଇ ସମାନ ସ୍କୋରରେ ଅଟକି ଯାଇଥିଲା। ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ କନ୍ତିଓପୁଟସାହି ୨ ଉଇକେଟ ହରାଇ ୬ ରନ୍ କରିଥିଲା। ଜବାବରେ କୁରୁଣ୍ଟି ଦଳ ୨ ଉଇକେଟ ହରାଇ ୫ ରନ୍ କରି ପରାସ୍ତ ହୋଇଥିଲା। ପ୍ରମୋଦ ବେହେରା, ବିଭୂତି ବେହେରା ଅମ୍ପାୟରିଂ କରିଥିବାବେଳେ ବିକାଶ ପାଣି ଧାରା ବିବରଣୀ ପ୍ରଦାନ କରିଥିଲେ। ବାବୁନ ବେହେରା, ଦେବାଶିଷ ମାଝି ସ୍କୋରର ରହିଥିଲେ। ଟୁର୍ନାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି ସାଆନ୍ଦାର ପୂର୍ବତନ ସରପଞ୍ଚ ଗୌତମ ପାଣି, ସମିତିସଭ୍ୟା ସୁଲୋଚନା ବେହେରା, କୁମୁସୀ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନାଏବ ସରପଞ୍ଚ ରଜନୀକାନ୍ତ ପାଣି ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ରାଜ୍ୟ ବିଦ୍ୟାଳୟସମୂହ ପ୍ରତିଯୋଗିତା ଆରମ୍ଭ

- ୫ ଦିନ ଧରି ଆୟୋଜନ ହେବ, ଅଂଶଗ୍ରହଣ କଲେ ୮୬୦ ପ୍ରତିଯୋଗୀ
- କବାଡ଼ି, ଥ୍ରୋବଲ୍, ବଲ୍ ବ୍ୟାଡ୍‌ମିଣ୍ଟନରେ ପ୍ରତିଭା ଦେଖାଇବେ ଖେଳାଳି

କାମାକ୍ଷାନଗର, ୨୮।୧(ଡି.ଏନ୍.ଏ.)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ରେ ଶନିବାରଠାରୁ ଆରମ୍ଭ ହୋଇଛି ରାଜ୍ୟ ବିଦ୍ୟାଳୟସମୂହ କବାଡ଼ି, ଥ୍ରୋ ବଲ ଏବଂ ବଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା। ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଏବଂ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏହା ୫ଦିନ ଧରି ଚାଲିବ। ଏଥିରେ ୮୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ କବାଡ଼ି, ଥ୍ରୋବଲ୍, ବଲ୍ ବ୍ୟାଡ୍‌ମିଣ୍ଟନରେ ସେମାନେ ପ୍ରତିଭା ପ୍ରଦର୍ଶନ କରିବେ।

ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପାଠପଢ଼ା ମଧ୍ୟରେ ସୀମିତ ନ ରହି କ୍ରୀଡ଼ାରେ ମନୋନିବେଶ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲାପାଳ ସରୋଜ ସେଠୀ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ନଗରପାଳ ଧର୍ମାନନ୍ଦ ପରିଡ଼ା, ପ୍ରଧାନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଓଡ଼ିଶା ଭଲିବଲ ଆସୋସିଏଶନ ଯୁଗ୍ମସମ୍ପାଦକ ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

୧୪ ବର୍ଷରୁ କମ୍ ବାଳିକା ବାଳକ, ୧୭ ବର୍ଷରୁ କମ୍ ବାଳିକା ବାଳକ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶାରୀରିକ ଶିକ୍ଷା ଶିକ୍ଷକ ତଥା ଜାତୀୟସ୍ତରୀୟ ଘୋଷକ ବିପିନ ବିହାରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଏବିଇଓ ଅମ୍ବିକା ସାହୁ, କୃଷ୍ଣଚନ୍ଦ୍ର ଭୋଇ, ରାମକୃଷ୍ଣ ବେହେରା, ସୁଶାନ୍ତ ନାଥ ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର,ରବିବାର, ୨୯ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ନାମଯଜ୍ଞର ସୁବର୍ଣ୍ଣଜୟନ୍ତୀ ମହୋତ୍ସବ

**ଅନୁଗୋଳ ଅଫିସ, ୨୮।୧:** ଅନୁଗୋଳ ତଳମୂଳ ନୂଆସାହିରେ ଅନୁଷ୍ଠିତ ହୋଇଆସୁଥିବା ଅଷ୍ଟପ୍ରହର ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଗତ ୨୪ରୁ ୨୬ ତାରିଖ ଯାଏ ଅନୁଷ୍ଠିତ ହୋଇଯାଇଛି। ୨୪ ତାରିଖ ଅପରାହ୍ନରେ ଏକ ବିରାଟ କଳସ ଶୋଭାଯାତ୍ରା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଆଠମଲ୍ଲିକ, ଫୁଲପଡ଼ା, ଖଜୁରିଆ, ତଳପଙ୍ଗୀ, ରକଲା, ଭୁବନେଶ୍ୱରରୁ ସଂକୀର୍ତ୍ତନମଣ୍ଡଳୀ ଏଥିରେ ଯୋଗଦେଇଥିଲେ। ଅଧାପକ ପ୍ରଦୀପ ଦାଶ ଏହାକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ଉଦ୍ୟୋକ୍ତା ସଂକୀର୍ତ୍ତନମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମ ସଭାପତି ଉତ୍ତମ ଚରଣ ଦାଶ ପୂଜାନୀତି, ଧ୍ରୁବଚରଣ ଦାଶ ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିଲେ। ଅତିଥିଭାବେ ସୁଧାକର ଦାଶ, ଭ୍ରମରବର ଦାଶ, ରାଜକିଶୋର ପାଣିଗ୍ରାହୀ, ରବିନାରାୟଣ ଦାଶ, ରମେଶ ଚନ୍ଦ୍ର ଦାଶ, ସର୍ବେଶ୍ୱର ପାଣିଗ୍ରାହୀ ଯୋଗ ଦେଇଥିଲେ। ଦିଲୀପ ଦାଶଶର୍ମା, ଶିଶିର ଦାଶ, ଜୟନ୍ତ କୁମାର ଦାଶ, ପ୍ରଶାନ୍ତ ଦାଶ, ମନୋରଞ୍ଜନ ଦାଶ, ସୁଧୀର ଦାଶ, ରୁଚିର ଦାଶ, ସୌମ୍ୟରଞ୍ଜନ ଦାଶ ସହଯୋଗ କରିଥିଲେ।

# ‘ଜନତାଙ୍କ ସ୍ୱରକୁ ଶାଣିତ କର’



ଜିଲା କାର୍ଯ୍ୟକାରିଣୀରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

**ଅନୁଗୋଳ ଜିଲା ଭାଜପାର କାର୍ଯ୍ୟକାରିଣୀ**

**ଅନୁଗୋଳ ଅଫିସ, ୨୮।୧**

ଅନୁଗୋଳ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ୨୩ ବର୍ଷ ଧରି ଚାଲିଥିବା ବିଜେଡି ସରକାର ବିରୋଧରେ ଜନତାଙ୍କ ସ୍ୱରକୁ ଶାଣିତ କରି ଭାଜପା ସବୁସ୍ତରରେ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଏବଂ ବିଜେଡି ସରକାର ଏହାକୁ କିପରି ବାଟମାରଣା କରି ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରୁଛି, ତାହାକୁ ଲୋକଲୋଚନକୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜନୈତିକ ଚିଠା ପ୍ରସ୍ତାବରେ ଥିବା ୧୩ଟି ବିଷୟ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲା କାର୍ଯ୍ୟକାରିଣୀରେ ଜିଲାର ବହୁ ସମସ୍ୟା ଉପରେ ଆଲୋଚନା ହେବା ସହ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ପର୍ଯ୍ୟବେକ୍ଷକ ସାରଦା ପ୍ରସାଦ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଯଯାତି ପଟ୍ଟନାୟକ, ପ୍ରଭାତ ପ୍ରଧାନ, ଅଗସ୍ତି ବେହେରା, ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରତିମା ମିଶ୍ର, ସୁଦୀପ ଗଡ଼ନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଚୌଧୁରୀ ପ୍ରଧାନଙ୍କ ସହିତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ, ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି ପ୍ରଭାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ ଆହ୍ୱାନ

**ଅନୁଗୋଳ ଅଫିସ, ୨୮।୧**

ମହାନ୍ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ ତମ ଜୟନ୍ତୀ ଏଆଇଡିୱାଇଓ ପକ୍ଷରୁ ଅନୁଗୋଳ ଶିମିଳିପଡାର ଭରତନଗରସାହିଠାରେ ପାଳିତ ହୋଇଯାଇଛି। ଡିୱାଇଓ ଅନୁଗୋଳ ଆଞ୍ଚଳିକ କମିଟି ସମ୍ପାଦିକା ଜ୍ୟୋତ୍ସ୍ନା ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ନେତାଜୀ ସୁଭାଷ ଜୟନ୍ତୀ କମିଟି ଅନୁଗୋଳ ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ ଏବଂ ଡିୱାଇଓ ଜିଲା ସଭାପତି ନିରଞ୍ଜନ ନାୟକ ଯୋଗଦେଇ ନେତାଜୀଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିବା ସହ ଅନ୍ୟାୟ, ଅତ୍ୟାଚାର, ଧର୍ମାନ୍ଧତା, ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭରତନଗରସାହି ସଭାପତି ନବକିଶୋର ମହାପାତ୍ର, ସମ୍ପାଦକ ଜେନାମଣି ପ୍ରଶାନ୍ତ କୁମାର ରାୟ, ଯୁବ ସଙ୍ଗଠକ ପ୍ରଦୀପ ମାଝି, ଅଜୟ କୁମାର ଜିତ, ଗୋପୀନାଥ ସାହୁ, ରମେଶ ଚନ୍ଦ୍ର ଦାସ, ସୁଜାତା ସାହୁ, ମଙ୍ଗୁଲୁ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଭଲ ଶିକ୍ଷା ସଫଳତା ଦେବ

**ବଇଣ୍ଡା,୨୮।୧(ଡି.ଏନ.ଏ.)**

ପ୍ରାଥମିକ ସ୍ତରରୁ ଭଲ ଶିକ୍ଷା ଗ୍ରହଣ କଲେ ଭବିଷ୍ୟତରେ ସଫଳତାର ଶୀର୍ଷରେ ପହଞ୍ଚିହେବ। କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ମହର୍ଷି ବିଦ୍ୟାମନ୍ଦିରର ୧୬ ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସପ୍ତେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ଅନୁଗୋଳ ମହର୍ଷି ବିଦ୍ୟା ମନ୍ଦିରର ଅଧ୍ୟକ୍ଷା ଗାୟତ୍ରୀ ସାମନ୍ତରାଏ, ପୂର୍ବତନ ସୈନିକ ସୁକାନ୍ତ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ, ଆର ଲୀଳାବତୀ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନାତନ ସାହୁ ଧନ୍ୟବାଦ ଦେଇଥିଲେ। ରଶ୍ମିତା ପଣ୍ଡା, ସତ୍ୟଭାମା ବେହେରା, ନୀହାରିକା ଦାସ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଅନିତା ପ୍ରଧାନ, ରଞ୍ଜିତା ଜେମା, ବିଧାନ ସାହୁ ସହଯୋଗ କରିଥିଲେ।



ମହର୍ଷି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କଣିହାଁ, ୨୮।୧ (ଡି.ଏନ.ଏ.)**

କଣିହାଁ ବ୍ଲକ ଟୋଲକବେଡା ହଟିଙ୍ଗ ତରଫରୁ ଟିକିରା ନଦୀ କୂଳରେ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ମୁଖ୍ୟବକ୍ତା ଭାବେ କଣିହାଁ ହାଇସ୍କୁଲର ସହକାରୀ ଶିକ୍ଷକ ତଥା ସାହିତ୍ୟିକ ସିଦ୍ଧି ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦେବେନ୍ଦ୍ର ବାରିକ, ବରିଷ୍ଠ ନାଗରିକ ପ୍ରକାଶ ସାହୁ, ଦୁଃଶାସନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଭାବେ ଖେଳ ଉପକରଣ, ଖାଦ୍ୟ ସାମଗ୍ରୀ ସହିତ ଗରା, ମାଠିଆ, ଆଦି ଘରେ ବ୍ୟବହାର ହେଉଥିବା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅତିଥିମାନେ ଏପରି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ହଟିଙ୍ଗର ସୁନୀଲ, କାଳନ୍ଦୀ, ଚିନ୍ତାମଣି, କାଳିଆ, ଆଲଭଟ, ବିକାଶ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# କନ୍ଧମାଳକୁ ହରାଇ ବଲାଙ୍ଗୀର ଚାମ୍ପିୟନ

**ଆଠମଲ୍ଲିକ, ୨୮।୧ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଲିପିଲୋଇ ଗ୍ରାମ ଖେଳ ପଡିଆରେ ଆୟୋଜିତ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କନ୍ଧମାଳକୁ ୫–୦ ଗୋଲରେ ହରାଇ ବଲାଙ୍ଗୀର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବିଶ୍ୱମ୍ବର ବେହେରା, ସାମାଜିକ କର୍ମୀ ବିନୟ ପଟ୍ଟନାୟକ, ଉଦୀପ୍ତ ପୁରୋହିତ, ଆଇନଜୀବୀ ଦୀନେଶ କୁମାର ସିଂହ, ଶିକ୍ଷକ ସଦାଶିବ ଦଳବେହେରା ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ବଲାଙ୍ଗୀର ଟିମ୍‌ର ସୁନୀଲ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କୃତ ଦିଆଯାଇଥିଲା। ରେଫେରି ଭାବରେ କାମାକ୍ଷା ପ୍ରଧାନ, ବଳରାମ ବେହେରା, ଉଦୟ ନାଥ କଅଁର ଦାୟିତ୍ୱ ତୁଲାଇଥିଲେ। କ୍ଲବ ସଭାପତି ମନ୍ମଥ ମେହେର, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଟିମ୍ ମ୍ୟାନେଜର ସଞ୍ଜୀବ ବେହେରା, କୋଷାଧ୍ୟକ୍ଷ କୃପାସିନ୍ଧୁ ପାତ୍ର, ବରିଷ୍ଠ ସଭ୍ୟ ସୁମନ୍ତ ସାହୁ, ଧବଳ ମାହାର, ରାକେଶ ସାହୁ, ସଂଗ୍ରାମ ଅମାନ୍ତ, ତପନ ଦେହୁରୀ, ଅନିଲ ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଓସିଏମ୍‌ଏସ୍‌ର ନୂଆ କର୍ମକର୍ତ୍ତା ନିର୍ବାଚିତ



ଓଡ଼ିଶା କଲିଏରିଜ ମଜଦୁର ସଂଘର ନିର୍ବାଚନୀ ବୈଠକରେ ନୂଆ କର୍ମକର୍ତ୍ତାମାନେ।

**ତାଳଚେର, ୨୮।୧ (ନି.ପ୍ର.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ସଭାଗୃହଠାରେ ଓଡ଼ିଶା କଲିଏରିଜ ମଜଦୁର ସଂଘ ବା ଓସିଏମ୍‌ଏସ୍ (ଆଇଏନ୍‌ଟିୟୁସି)ର ପ୍ରତିନିଧି ସଭା ଓ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ୨୦୨୩–୨୦୨୫ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି କିଶୋର ଚନ୍ଦ୍ର ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ବିବରଣୀପାଠ କରିଥିଲେ। କୋଷାଧ୍ୟକ୍ଷ ବୈକୁଣ୍ଠ କୁମାର ସାହୁ ଆୟବ୍ୟୟ ହିସାବ ଦେଇଥିଲେ। ଏହି ସଭାରେ ମହାନଦୀ କୋଲ ଫିଲଡ୍‌ସର ସମସ୍ତ କୋଇଲା ଖଣିର ଓସିଏମ୍‌ଏସ୍ (ଆଇଏନ୍‌ଟିୟୁସି) ଶାଖାଗୁଡ଼ିକରୁ ୫୦ ଜଣରେ ଜଣେ ନିର୍ବାଚିତ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭାପତି ଭାବେ କିଶୋରଚନ୍ଦ୍ର ପଟେଲ ପୁନଃ ନିର୍ବାଚିତ ହୋଇଥିବା ବେଳେ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ସାଧାରଣ ସମ୍ପାଦକ, ବୈକୁଣ୍ଠ କୁମାର ସାହୁ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏହାଛଡ଼ା ଉପସଭାପତି, ସମ୍ପାଦକ, ସାଙ୍ଗଠନିକ ସମ୍ପାଦକମାନଙ୍କୁ ନିର୍ବାଚିତ କରାଯାଇଥିଲା। ଆଲୋକ କୁମାର ପଣ୍ଡା ନିର୍ବାଚନ ପରିଚାଳନା କରିଥିବା ବେଳେ ସୁବ୍ରତ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷାର ଉପକାରିତା ଉପରେ ଗୁରୁତ୍ୱାରୋପ



**କଣିହାଁ,୨୮।୧(ଡି.ଏନ.ଏ.)**

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଓ ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ୧୧୩ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ଭାବେ ପ୍ରିୟଦର୍ଶିନୀ ପ୍ରଧାନ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷାବିଭାଗ ଡେମୋନଷ୍ଟ୍ରେଟର ବିଷ୍ଣୁଚରଣ ନାୟକ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଅରୁଣ ନାୟକ, ସୌଦାମିନୀ ଦାସ, ନିରଞ୍ଜନ ସ୍ୱାଇଁ, ଡେମୋନଷ୍ଟ୍ରେଟର ପ୍ରଦୀପ ପ୍ରଧାନ, ସଞ୍ଜୟ ପ୍ରଧାନ, ଖେଳ ଶିକ୍ଷକ ବଂଶୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବଇଣ୍ଡା,୨୮।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଶିକ୍ଷକପଡା ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶିକ୍ଷକପଡା କ୍ରିକେଟ କ୍ଲବକୁ ହରାଇ କଦଳୀମୁଣ୍ଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଶିକ୍ଷକପଡା ବ୍ୟାଟିଂ କରି ୬୯ ରନ୍ କରିଥିଲା। ଜବାବରେ କଦଳୀମୁଣ୍ଡା ୭୦ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିତେନ୍ଦ୍ର କୁମାର ବେହେରା, ଅନ୍ୟତମ ଅତିଥି ଭାବେ ରଜତ କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ନାଏବ ସରପଞ୍ଚ ସୁମନ୍ତ ବେହେରା, ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।



# ବେଡ଼ାଶାସନ କପ୍: ଛେଳିଆପଡ଼ା ବିଜୟୀ



ମା’ ମଙ୍ଗଳା କ୍ରିକେଟ କପ୍‌ର ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

**ଅନୁଗୋଳ ଅଫିସ, ୨୮।୧**

ଅନୁଗୋଳ ବ୍ଲକ ବେଡାଶାସନ ପଞ୍ଚାୟତରେ ମା’ ମଙ୍ଗଳା କ୍ରିକେଟ କ୍ଲବ ଦ୍ୱାରା ଚାଲିଥିବା ମା’ ମଙ୍ଗଳା କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି। ୩ଟି ଫାଇନାଲ ମ୍ୟାଚ ଛେଳିଆପଡା ଓ ବନ୍ତଲା ମଧ୍ୟରେ ଖେଳାଯାଇଥିଲା। ଏଥିରୁ ୨ଟିରେ ଛେଳିଆପଡା ଦଳ ବିଜୟୀ ହେବା ସହିତ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ନିରୁପମା ସାହୁ, ବିଜେଡିର ବରିଷ୍ଠ ନେତା କୃପାସିନ୍ଧୁ ସାହୁ, ସୁଶୀଳ ବିଶ୍ୱାଳ, ଗଗନ ବାରିକ ଯୋଗଦେଇଥିଲେ। ଗଣେଶ୍ୱର ସାହୁ, ରମାକାନ୍ତ ସାହୁ, ନୃସିଂହ ଚରଣ ଦ୍ୱିବେଦି, ଅଜୟ ସାହୁ, ସୁଦୀପ୍ତ ଦ୍ୱିବେଦି, ରାଜା ବିଶ୍ୱାଳ, ସୌମେନ୍ଦ୍ର ଦ୍ୱିବେଦୀ, କାର୍ତ୍ତିକ ବିଶ୍ୱାଳ, ଚିନ୍ମୟ ସାହୁ ଓ କ୍ଲବ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ବ୍ଲାକ ଡାଇମଣ୍ଡ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଅନୁଗୋଳ ଅଫିସ,୨୮।୧**



ଅନୁଗୋଳ ସହର ଓ ଏହାର ଉପକଣ୍ଠରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶନିବାର ସମୀକ୍ଷା କରିଛନ୍ତି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ପୂର୍ବାହ୍ନରେ ଜିଲାପାଳ ସ୍ୱାଇଁ ଉପଜିଲାପାଳ ବୈତୁରା ଦୀପ, ତହସିଲଦାର ବିମଳ ଲେଙ୍କା, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଜିଲାପାଳ ପ୍ରଥମେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବ୍ଲାକ ଡାଇମଣ୍ଡସ୍ଥଳ ପରିଦର୍ଶନ କରି ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବ୍ଲାକ ଡାଇମଣ୍ଡ ଓ ଏହାର ଚାରିପାଖେ ସାଧାରଣ ଲୋକଙ୍କ ପ୍ରବେଶ ନେଇ କେତେ ଦେୟ ଧାର୍ଯ୍ୟ କରାଯିବ ସେ ନେଇ ଆଲୋଚନା କରିଥିଲେ। ନୂତନ ବସ୍ ଟର୍ମିନାଲଠାରେ ନିର୍ମାଣାଧୀନ ଥିବା ସ୍ମାର୍ଟ ପାର୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ନିର୍ମାଣାଧୀନ ଟ୍ରମାକେୟାର ସେଣ୍ଟର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହିତ ଲାଗିବାକୁ ଥିବା ଅତ୍ୟାଧୁନିକ ଯନ୍ତ୍ରାଂଶ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ତୁରନ୍ତ ଯନ୍ତ୍ରାଂଶ ଗୁଡ଼ିକୁ ଆଣି ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଚିହ୍ନଟ ହୋଇଥିବା କ୍ରିଷ୍ଣା ସାଗର ଅଞ୍ଚଳ ପରିଦର୍ଶନ କରିଥିଲେ। ତୁରନ୍ତ ସେଠାରେ କାର୍ଯ୍ୟ ଆରମ୍ଭ କରିବା ସହ ଜବରଦଖଲରେ ଥିବା ଲୋକଙ୍କୁ ଉଚ୍ଛେଦ କରିବାକୁ ପୂର୍ତ୍ତ ବିଭାଗ, ତହସିଲଦାର, ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

**ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦ**
**(ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ)**
**ପ୍ରେସ ବିଜ୍ଞପ୍ତି**

ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାନୁଆରୀ ୨୦୨୩ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା (୧) ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳଙ୍କ କାର୍ଯ୍ୟାଳୟ, (୨) ଉପ–ଜିଲ୍ଲାପାଳ, ହିନ୍ଦୋଳ ତଥା ନିର୍ବାଚନ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳଙ୍କ କାର୍ଯ୍ୟାଳୟ ଓ (୩) ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତ୍ୟେକ ୱାର୍ଡ଼ରେ ତାରିଖ: ୨୯।୦୧।୨୦୨୩ରୁ ତାରିଖ: ୦୨।୦୨।୨୦୨୩ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଭୋଟରମାନଙ୍କୁ ଜଣାଇ ଦିଆଯାଉଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡ଼ରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ। ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡ଼ୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦର ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ. IIIରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ: ୨୯।୦୧।୨୦୨୩ରୁ ତାରିଖ: ୦୩।୦୨।୨୦୨୩ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡ଼ରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ: ୨୯।୦୧।୨୦୨୩ରୁ ତାରିଖ: ୦୩।୦୨।୨୦୨୩ ମଧ୍ୟରେ ଦାଖଲ କରିପାରିବେ। ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IVରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ। ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ। ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ୍ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

ସ୍ୱା./– ଉପ–ଜିଲ୍ଲାପାଳ, ହିନ୍ଦୋଳ–
ତଥା–ନିର୍ବାଚନ ଅଧିକାରୀ, ଅଧିସୂଚିତ
କ୍ଷେତ୍ର ପରିଷଦ, ହିନ୍ଦୋଳ

